# Government of Odisha

**Department of Sports & Youth Services**
**C-1, Nayapalli, Bhubaneswar-751012**
**Tele fax: 0674-2396715/2536793/2390283**

No. 887 /SYS, Bhubaneswar Dated: 25/01/18
SYS-YS-YE-7/2015

From:

**R. Veenel Krishna,IAS**
Director-cum- Addl. Secretary

To

The Director,
I & P.R. Department
Odisha, Bhubaneswar

Sub: Publication of advertisement for State Award for Social Service and Biju Patnaik Bravery Award for the year 2017.

Sir,

In inviting a reference to the above mentioned subject, I am to say that State Award for Social Service and Biju Patnaik Bravery Award for the year 2017 will be conferred on 29th August'2018 for which nominations are to be invited from intending Individual(s) for selection by the State level Committee.

In enclosing herewith the text of the advertisement both in soft and hard copy, I would request you to kindly publish the same in all editions of "The Samaja", "The Sambada", The Pragativadi", "The Dharitri" and "The Prameya".

Yours faithfully

Director-cum- Addl. Secretary

Memo No. 888 /SYS Bhubaneswar Dated 25/01/18

Copy along with text of the advertisement and other details forwarded to IT Section for uploading the same in the official website for information of all concerned.

Director-cum- Addl. Secretary

 କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା
ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

# ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ

ରାଜ୍ୟ ଯୁବକଲ୍ୟାଣ ପରିଷଦ, କ୍ରୀଡା ଓ ଯୁବ ସେବା ବିଭାଗ ଓଡିଶା ୨୦୧୭ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ।

ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ ସେମାନଙ୍କର ସେହିସବୁ କାର୍ଯ୍ୟାବଳୀକୁ ସ୍ୱୀକୃତୀ ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ  ଅଭିପ୍ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ । ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ. ୧,୦୦,୦୦୦/- ଙ୍କାର ଅର୍ଥରାଶି ୨୦୧୮ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡା ଦିବସରେ ପ୍ରଦାନ କରାଯିବ । ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ  ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା କ୍ରୀଡା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ,  ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥି ବାହିନୀ ଓ ଭାରତୀୟ ରେଡ୍ କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା  ୨୦୧୭ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ । ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବେଦନ/ସୁପାରିଶ ଗୁଡିକ ସମ୍ପାଦକ ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା. ୩୧/୦୩/୨୦୧୮ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡା ଓ ଯୁବସେବା ବିଭାଗ ୱେବସାଇଟ୍ www.dsysodisha.gov.in  ରେ ଉପଲବ୍ଧ ଅଟେ ।

ସଂପାଦକ
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡିଶା

## କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା

ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

# ବିଜ୍ଞାପନ

ରାଜ୍ୟ ଯୁବକଲ୍ୟାଣ ପରିଷଦ, କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା ୨୦୧୭ ବର୍ଷ ପାଇଁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ।

ଛଅ ଜଣ ବ୍ୟକ୍ତି ବିଶେଷ (ପ୍ରତ୍ୟେକ ରାଜସ୍ୱ ଜୋନ୍ ରୁ ଦୁଇ ଜଣ ହିସାବରେ ମୋଟ ଛଅ ଜଣ) ପ୍ରତ୍ୟେକଙ୍କୁ ମାନପତ୍ର ଓ ଅର୍ଥ ଆକାରରେ ଟ. ୨୫,୦୦୦/- ଙ୍କା ଲେଖାଏଁ ୨୦୧୮ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡା ଦିବସରେ ପ୍ରଦାନ କରାଯିବ । ଏଥି ନିମନ୍ତେ ନିର୍ଦ୍ଧାରିତ ପରିକଳ୍ପନା ପୁସ୍ତିକା (Scheme) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା କ୍ରୀଡା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥି ବାହିନୀ ଓ ଭାରତୀୟ ରେଡ୍ କ୍ରସ୍ ସୋସାଇଟି ଅଫିସ୍‌ରେ ଉପଲବ୍ଧ ଅଟେ । ଆବେଦନ ପତ୍ର/ସୁପାରିଶ ଗୁଡିକ ସଂପୃକ୍ତ ଅଞ୍ଚଳର ଲୋକ ପ୍ରତିନିଧି ତଥା ସରପଞ୍ଚ/ କାଉନ୍‌ସିଲର ବା କର୍ପୋରେଟରଙ୍କ ସୁପାରିଶ ସହିତ ସଂପାଦକ ରାଜ୍ୟ ଯୁବକଲ୍ୟାଣ ପରିଷଦ, କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା, ନୟାପଲ୍ଲୀ, ଭୁବନେଶ୍ୱର ଙ୍କ ଠିକଣାରେ ତା ୩୧.୦୩.୨୦୧୮ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡା ଓ ଯୁବସେବା ବିଭାଗ ୱେବସାଇଟ୍ www.dsysodisha.gov.in ରେ ଉପଲବ୍ଧ ଅଟେ ।

ସମ୍ପାଦକ

ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡିଶା